ODM EDUCATIONAL GROUP
Changing your Tomorrow

# MORNING PRAYER





CHANGING YOUR TOMORROW

Website: www.odmegroup.org
Email: info@odmps.org

Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

# ODM PUBLIC SCHOOL

**SESSION :09**

**CLASS :3**

**SUBJECT : ODIA**

**CHAPTER NUMBER: 06**

**CHAPTER NAME : ହାତୀ ମାନିଲା ଏଣ୍ଡୁଅ କଥା**

**SUBTOPIC : ଅଭ୍ୟାସ-  ୯,୧୦ ,୧୨ ଓ  ସମାନ ଉଚ୍ଚାରଣ ଶବ୍ଦ**

CHANGING YOUR TOMORROW

Website: www.odmegroup.org
Email: info@odmps.org
Toll Free: 1800 120 2316
Sishu Vihar, Infocity Road, Patia, Bhubaneswar- 751024

## ଅଧ୍ୟୟନର ଉଦ୍ଦେଶ୍ୟ –

ପିଲାମାନଙ୍କର ଶ୍ରବଣ ,କଥନ,ପଠନ ଓ ଲିଖନ ଶୈଳୀ ର ଅଭିବୃଦ୍ଧି କରାଇବା ।



ODM EDUCATIONAL GROUP

# ହାତୀ ମାନିଲା ଏଣ୍ଟୁଅ  କଥା











ହାତୀ ଆସୁଥିଲା ଶୁଣ୍ଢ ହଲାଇ
ମେଣ୍ଢାପଲ ଦେଖି ଗଲେ ପଳାଇ
ନଈରେ ପଶିଲା ହାତୀ,
ଶୁଣ୍ଢରେ ତାହାର ପିଚିକାରୀ ମାରି
ପାଣିଖେଳେ ଗଲା ମାତି ।





ହାତୀର ଖେଳକୁ ଏଣ୍ଢୁଅ ଦେଖି
କହିଲା ତାହାକୁ ତରାଟି ଆଖି
ଅସନା କରୁଛ ପାଣି,
ଜୀବନ ପାଇଁକି ବିପଦକୁ ତୁମେ
ଡାକୁଅଛ ଜାଣି ଜାଣି ।

ଶୁଣ୍ଢକୁ ଉଠାଇ ମୁଣ୍ଡ ହଲାଇ
ହାତୀ ପଚାରିଲା ଏଣ୍ଢୁଅଭାଇ
କହିଲ କହିଲ ମୋତେ,
ଜୀବନପାଇଁ ମୁଁ କେଉଁ ବିପଦକୁ
ଡାକି ଆଣୁଅଛି ସତେ ?

ODM EDUCATIONAL GROUP
Changing your Tomorrow



ଏଣ୍ଡୁଅ କହିଲା, ହେ ହାତୀଭାଇ
ମୁଣ୍ଡରେ କି ତୁମ ଅକଲ ନାହିଁ ?
ଦୂଷିତ ହୋଇଲେ ଜଳ,
ଜ୍ୱର, ଝାଡ଼ା, କାଛୁ କୁଣ୍ଡିଆ ରୋଗରେ
ଲୋକେ ହେବେ କଲବଲ ।

ମୁଣ୍ଡକୁ ହଲାଇ କହିଲା ହାତୀ,
ଏଣ୍ଡୁଅଭାଇ ତୁ ମୋହର ସାଥୀ
ମାନୁଛି ତୋହର କଥା,
ସାନ ଦେହ ସିନା ବଡ଼ବଡ଼ କଥା
ସାଇତିଛି ତୋର ମଥା ।

ଅଭ୍ୟାସ -୯ ତୁମେ ପିଇବା ପାଇଁ କେଉଁ ଜଳ ବ୍ୟବହାର କରିବ,ସେହି ଜାଗାରେ ଠିକ ଚିହ୍ନ (✔)ଦିଅ |ସାଙ୍ଗ ସହ ଆଲୋଚନା କର |

କ –ଛଣା ହୋଇଥିବା ପାଣି |

ଖ –ଫୁଟା ହୋଇଥିବା ପାଣି |

ଗ –ଛଣା ହୋଇନଥିବା ପାଣି |

ଅଭ୍ୟାସ ୧୦ ଦୂଷିତ ଜଳ ବ୍ୟବହାର କଲେ କେଉଁ ସବୁ ରୋଗ ହେବ ଗାର ଦେଇ ଯୋଡ |

ମୁଣ୍ଡ ବୁଲାଇବା

ଟାଇଫଏଡ ଜ୍ୱର

ଝାଡା

ଦୂଷିତ ଜଳ ବ୍ୟବହାର କଲେ

ବାତଜ୍ୱର

କାଛୁକୁଣ୍ଡିଆ

ଯାଦୁ

ODM EDUCATIONAL GROUP

ଅଭ୍ୟାସ -୯ ତୁମେ ପିଇବା ପାଇଁ କେଉଁ ଜଳ ବ୍ୟବହାର କରିବ,ସେହି ଜାଗାରେ ଠିକ ଚିହ୍ନ (✓)ଦିଅ |ସାଙ୍ଗ ସହ ଆଲୋଚନା କର |

କ –ଛଣା ହୋଇଥିବା ପାଣି |

ଖ –ଫୁଟା ହୋଇଥିବା ପାଣି |✓

ଗ –ଛଣା ହୋଇନଥିବା ପାଣି |

ଅଭ୍ୟାସ ୧୦ ଦୂଷିତ ଜଳ ବ୍ୟବହାର କଲେ କେଉଁ ସବୁ ରୋଗ ହେବ ଗାର ଦେଇ ଯୋଡ |



## ଅଭ୍ୟାସ -୧ ୨ ହାତୀ ବ୍ୟତୀତ ଆଉ କେଉଁ ମାନେ ପାଣି ଦୂଷିତ କରନ୍ତି |

ଉ -ହରିଣ ,ଷଣ୍ଡ,ଘୁଷୁରି ଆଦି ଜୀବଜନ୍ତୁ ଓ ଧୀବର ମାନେ ମଧ୍ୟ ପାଣି ଦୂଷିତ କରନ୍ତି |

## ସମାନ ଉଚ୍ଚାରଣ ଶବ୍ଦରେ ଗୋଲ ବୁଲାଅ |

| | | | |
|---|---|---|---|
| ଖଣ୍ଡ - | ଗଣ୍ଡ | ହାଣ୍ଡି | ଖଣ୍ଡିଆ |
| ମଣ୍ଡା- | ଫାଣ୍ଡି | ଖଣ୍ଡା | ମାଣ୍ଡିଆ |
| ଦଣ୍ଡି - | ପଣ୍ଡା | ଖଣ୍ଡି | ଏଣ୍ଡୁରି |
| ହାଣ୍ଡି - | ଭଣ୍ଡ | ଲଣ୍ଡା | ଫାଣ୍ଡି |
| ଶୁଣ୍ଢ - | କୁଣ୍ଢ | ଦଣ୍ଡ | ଏଣ୍ଡୁଅ |

ODM EDUCATIONAL GROUP

# ପ୍ରଶ୍ନ ଗୁଡିକର ଉତ୍ତର ଦିଅ |

୧ -ହାତୀ କିପରି ଆସୁଥାଏ ?

୨ –କେଉଁ ମାନେ ହାତୀକୁ ଦେଖି ପଳାଇ ଗଲେ ?

୩ –କିଏ ପାଣି ଖେଳରେ ମାତିଗଲା ?

୪ –କିଏ ହାତୀକୁ ଆଖି ତରାଟି ଚାହିଁଲା ?

୫ –ଏଣ୍ଡୁଅ ହାତୀକୁ କି ଉପଦେଶ ଦେଲା ?

୬ – ଦୂଷିତ ଜଳରୁ କେଉଁ ସବୁ ରୋଗ ହୁଏ ?

୭ –ଜୀବନ ପାଇଁ ମୁଁ କେଉଁ ବିପଦକୁ ଡାକି ଆଣୁଛି,ଏହି କଥା କିଏ କାହାକୁ କହିଥିଲା ?

୮ –ହାତୀ ଏଣ୍ଡୁଅ ର ଉପଦେଶ କୁ ମାନିଲା \ମାନିଲା ନାହିଁ ?

ODM EDUCATIONAL GROUP
Changing your Tomorrow

# ଗୃହକର୍ମ

ଅଭ୍ୟାସ -୧୧ କୁ ଆଲୋଚନା କର |



# ଲବ୍ଧ ଜ୍ଞାନର ଫଳାଫଳ-

ପିଲାମାନଙ୍କର ଶ୍ରବଣ,କଥନ,ପଠନ  ଓ ଲିଖନ ଶୈଳୀର ଅଭିବୃଦ୍ଧି ଘଟିବ |



ODM EDUCATIONAL GROUP

**THANKING YOU**

**ODM EDUCATIONAL GROUP**